୧୫୩

# ତ୍ରୟୋଦଶ ବୈଧାନିକ ବୈଠକରେ ବିବରଣୀ

ତା- ୦୯.୦୨.୨୦୧୭

ତ୍ରୟୋଦଶ ବୈଧାନିକ ବୈଠକରେ ଉପସ୍ଥିତ ଥିବା ସମସ୍ତ ସଭ୍ୟା

୧. ଶ୍ରୀମତୀ କସ୍ତୁରୀ ମହାପାତ୍ର, ଅଧକ୍ଷା ଓ ସଭାପତି

୨. ସୁଶ୍ରୀ ରାଜଲକ୍ଷ୍ମୀ ଦାସ, ସଭ୍ୟା

୩. ସୁଶ୍ରୀ ସଂଧାବତୀ ପ୍ରଧାନ, ସଭ୍ୟା

୪. ଶ୍ରମତୀ ନିବେଦିତା ମିଶ୍ର, (ଓ.ପ୍ର.ସେ ବରିଷ୍ଠ) ଆବାହକ

ପ୍ରାରମ୍ଭରେ ସଭାପତି ସ୍ୱାଗତ ଭାଷଣ ଦେବା ପରେ ଦ୍ୱାଦଶ ବୈଠକର ସିଦ୍ଧାନ୍ତ ସମୂହର ଅନୁପାଳନ ସମ୍ବନ୍ଧରେ ବିସ୍ତୃତ ଭାବରେ ଆଲୋଚନା କରାଯାଇଥିଲା ଏବଂ ତାହା ଗୃହୀତ କରାଗଲା। ଏହା ସହିତ ତ୍ରୟୋଦଶ ବୈଠକର କାର୍ଯ୍ୟସୂଚୀ ଅନୁଯାୟୀ ନିମ୍ନଲିଖିତ ସିଦ୍ଧାନ୍ତମାନ ନିଆଗଲା। ବୈଠକ ପ୍ରାରମ୍ଭରେ ସଭ୍ୟାମାନେ ତା-୦୬.୦୨.୨୦୧୭ ରେ ବୈଠକ ସ୍ଥିରିକୃତ ହୋଇଥିବା ସତ୍ତ୍ୱେ ପୂର୍ବରୁ ସେମାନେ କାର୍ଯ୍ୟସୂଚୀ ପାଇନଥିବାରୁ କ୍ଷୋଭ ପ୍ରକାଶ କରିଥିଲେ। ସଚିବ ତଥା ଆବାହକ ଭବିଷ୍ୟତରେ ଏହାର ପୁନରାବୃତ୍ତି ନ ହେବାର ପ୍ରତିଶୃତି ହୋଇଥିଲେ।

୧. ଆଲୋଚନା ର ଆରମ୍ଭରେ ଅଧକ୍ଷା ଓ ସଭାପତି ସମସ୍ତ ଗସ୍ତର ବିବରଣୀ ଦେଖିବାକୁ ଚାହିଁଥିଲେ। ମାତ୍ର ସମସ୍ତ ଗସ୍ତର ବିବରଣୀ ହସ୍ତଗତ ହୋଇନଥିବା ବିଷୟରେ ସଚିବ ତଥା ଆବାହକ ବୈଠକରେ ପ୍ରକାଶ କରିଥିଲେ। ଏହାପରେ ସମସ୍ତ ଗସ୍ତ ଓ ତାର ବିବରଣୀ ସମ୍ବନ୍ଧରେ ନିମ୍ନ ସିଦ୍ଧାନ୍ତମାନ ନିଆଯାଇଥିଲେ।

କ) ସଭ୍ୟାମାନେ କୌଣସି ସ୍ଥାନକୁ ଗସ୍ତରେ ଯିବା ପୂର୍ବରୁ ଅଧକ୍ଷାଙ୍କ ଅନୁମତି ଲିଖିତ ଆକାରରେ ନେବେ। ଯଦି ଏହା ସମ୍ଭବ ନ ହେବ ତେବେ ଗସ୍ତରୁ ଫେରିବା ସଙ୍ଗେ ସଙ୍ଗେ ଅନୁମୋଦନ କରାଇବେ ।

ଖ) ଏଣିକି ସବୁ ଗସ୍ତର ବିବରଣୀ ୦୭ ଦିନ ମଧରେ ଅଧକ୍ଷାଙ୍କ ନିକଟରେ ପେସ୍ କରାଯିବ। ଗସ୍ତ ସମୟର ବିବରଣୀ ଲିପିବଦ୍ଧ ପାଇଁ ବ୍ୟକ୍ତିଗତ ସଚିବ (ରବିନାରାୟଣ ମହାନ୍ତି), ଆଇନ ସହାୟକ (ସସ୍ମିତା ସେଠୀ) ସାହାଯ୍ୟ କରିବେ ବୋଲି ନିଷ୍ପତ୍ତି ନିଆଗଲା।

୨. ମହିଳା ଓ ଶିଶୁ ବିକାଶ ବିଭାଗ ପତ୍ର ସଂଖ୍ୟା ୩୬୫୫୧୭୦୦୧୪୨୦୧୬/୧୭୦୬ ତା-୩୦.୦୧.୨୦୧୭ ରେ ଆଇନ ସହାୟକ ଙ୍କୁ (Legal Assistant) ନିଯୁକ୍ତି ଦେବା ପାଇଁ ମନା କରିଦେଇଛନ୍ତି। ମାତ୍ର ମହିଳା ଆୟୋଗ ଓ ଭିନ୍ନକ୍ଷମ ଆୟୋଗ ରେ ଏପରି ବ୍ୟବସ୍ଥା ରହିଥିବାରୁ ଏଠାରୁ ଆଉ ଏକ ପ୍ରସ୍ତାବ ସରକାରଙ୍କୁ ଦିଆଯିବା ପାଇଁ ସ୍ଥିର କରାଗଲା।

୩. ସଭ୍ୟାମାନେ ମାର୍ଚ୍ଚ ୨୦୧୬ ରୁ ଘରଭଡା ପାଇବେ ବୋଲି ସ୍ଥିର କରାଗଲା।

୪. ଶ୍ରୀମତୀ ସୁକାନ୍ତି ବାରିକ, ଟାଇପିଷ୍ଟ ଙ୍କୁ ତିନିମାସ ମଧ୍ୟରେ କମ୍ପ୍ୟୁଟର ର ନିମ୍ନତମ ଜ୍ଞାନ ଶିଖିବାପାଇଁ ନିର୍ଦ୍ଦେଶ ଦେବାକୁ ସ୍ଥିର କରାଗଲା।

୫. ଅତିଶୀଘ୍ର ଅନ୍ୟ ସଭ୍ୟ / ସଭ୍ୟାମାନେ ଆୟୋଗରେ ନିଯୁକ୍ତି ପାଇପାରନ୍ତି। ତେଣୁ ସେମାନଙ୍କର ଗମନାଗମନର ସୁବିଧା ପାଇଁ ସରକାରଙ୍କୁ ଆଉ ଏକ ଗାଡି ପାଇଁ ଅନୁରୋଧ କରାଯିବ ବୋଲି ସ୍ଥିର କରାଗଲା।

୬. ମହିଳା ଓ ଶିଶୁ ବିକାଶ ବିଭାଗ, ଜଣେ ଅବସର ପ୍ରାପ୍ତ Stenographer ବଦଳରେ ଜଣେ Fresh Stenographer or Data Entry Operator ଙ୍କୁ out sourcing ମାଧ୍ୟମରେ ନିଯୁକ୍ତି କରିବା ପାଇଁ ପୁନର୍ବାର ଅନୁରୋଧ କରାଯିବ ବୋଲି ସ୍ଥିର କରାଗଲା।

୭. ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଢାଞ୍ଚାରେ ବିଭିନ୍ନ Consultant ନିଯୁକ୍ତି ଦେବା ପାଇଁ ସରକାରଙ୍କୁ ଅନୁରୋଧ କରାଯିବ।

୮. ଅର୍ଥବିଭାଗ ଆଦେଶନାମା ପତ୍ରସଂଖ୍ୟା ୩୪୫୫୫ ତା-୨୨.୧୨.୨୦୧୬ ଅନୁସାରେ ନିମ୍ନଲିଖିତ କର୍ମଚାରୀଙ୍କ ପାରିଶ୍ରମିକ ବୃଦ୍ଧି କରାଯିବା ପ୍ରସ୍ତାବ ଗୃହୀତ କରାଗଲା।

କ. ଶ୍ରୀ ଇନ୍ଦ୍ରମଣି ଗଉଡ (ଜୁନିୟର କ୍ଲର୍କ)

ଖ. ଶ୍ରୀ ଆଶିଷ କୁମାର ମହାନ୍ତି (ଡାଟା ଏଣ୍ଟ୍ରି ଅପରେଟର)

ଗ. ଶ୍ରୀମତୀ ସୁକାନ୍ତି ବାରିକ (ଟାଏପିଷ୍ଟ)

ଘ. ଶ୍ରୀଯୁକ୍ତ ସଞ୍ଜୟ ପ୍ରଧାନ (ଡ୍ରାଇଭର)

ଙ. ଶ୍ରୀଯୁକ୍ତ ପ୍ରତାପ ପଟ୍ଟନାୟକ (ପିଅନ)

ଚ. ଶ୍ରୀଯୁକ୍ତ ଜିତେନ୍ଦ୍ର ବାରିକ (ପିଅନ)

୯. ଅନ୍ୟାନ୍ୟ:

୧. ୨୦୧୭-୧୮ ବର୍ଷରେ ଶିକ୍ଷା ଅଧିକାର ଆଇନ ଓ UNICEF ର ସହାୟତା ରେ କି କି କାର୍ଯ୍ୟ ହୋଇପାରିବ ତାହା ପ୍ରସ୍ତାବ ଦେବା ପାଇଁ ସଭ୍ୟାମାନଙ୍କୁ କୁହାଗଲା।

୨. ଆୟୋଗର ସୁପରିଚାଳନା ପାଇଁ ବିଭିନ୍ନ ସେଲ୍‌ମାନ ଖୋଲାଯିବା ପାଇଁ ସ୍ଥିର କରାଗଲା।

୧. Legal Cell

2. Juvenile Justice cell

3. RTE Cell

4. POCSO Cell

ଏହା ବ୍ୟତୀତ ବିଭିନ୍ନ ବିଷୟରେ ପରାମର୍ଶ ଦେବା ପାଇଁ ପରାମର୍ଶଦାତା ମାନଙ୍କୁ ନେଇ ଏକ ଏକ୍ସ ପ୍ୟାନେଲ ଗଠନ ହେବ ବୋଲି ସ୍ଥିର କରାଗଲା।

କ. ଶିଶୁ ସ୍ୱାସ୍ଥ୍ୟ ଓ ପୁଷ୍ଟି

ଖ. ଅନ୍ୟାନ୍ୟ ବିକାଶ ମୂଳକ କାର୍ଯ୍ୟ

୩. ୨୦୧୭-୧୮ ରେ ନିମ୍ନଲିଖିତ କର୍ମଶାଳା ଗୁଡିକ ହେବ ବୋଲି ସ୍ଥିର କରାଗଲା।

୧. ଏକ ଜାତୀୟ କର୍ମଶାଳା (Children of Conflict Zone)

୨. ଶିଶୁ ବିକାଶ ଉପରେ ରାଜ୍ୟସ୍ତରୀୟ କର୍ମଶାଳା।

୩. ଶିଶୁ ସୁରକ୍ଷା, ଶିକ୍ଷାଧିକାର ଇତ୍ୟାଦି ବିଷୟ ଉପରେ ଜନଶୁଣାଣି ବିଭିନ୍ନ ଜିଲ୍ଲାରେ କରାଯିବ। (UNICEF, OPEPA)

୪. ହିସାବ ବିବରଣୀ:

କ. ୧୫ ଦିନ ମଧ୍ୟରେ ସମସ୍ତ ବକେୟା ବିଲ୍ ତୁଟାଇବା ପାଇଁ ସ୍ଥିର କରାଗଲା।

ଖ. ଯେଉଁମାନେ ଅଗ୍ରୀମ ନେଇଛନ୍ତି ସେମାନଙ୍କୁ ତୁରନ୍ତ ହିସାବ ଦେବାପାଇଁ ଅଧକ୍ଷା ନିର୍ଦ୍ଦେଶ ଦେଲେ। ଯଦି କେହି ଫେବୃୟାରୀ ଶେଷସୁଦ୍ଧା ହିସାବ ନ ଦେବେ ତେବେ ସେହି ଅଗ୍ରୀମ ରାଶି ସେମାନଙ୍କର ପାରିଶ୍ରମିକରୁ କଟାଯିବା ପାଇଁ ସ୍ଥିର କରାଗଲା।

୫. ଅଧକ୍ଷା ଏକ ବାୟୋମେଟ୍ରିକ ସିଷ୍ଟମ ପ୍ରଚଳନ କରିବାପାଇଁ ପରାମର୍ଶ ଦେଲେ। ଏହା ପାଇଁ ଆନୁସଙ୍ଗିକ ଖର୍ଚ୍ଚ ର ପ୍ରସ୍ତାବ ସରକାରଙ୍କୁ ଦିଆଯିବା ପାଇଁ ସ୍ଥିର କରାଗଲା।

ସର୍ବଶେଷରେ ସଚିବ ସମସ୍ତଙ୍କୁ ଧନ୍ୟବାଦ ପ୍ରସ୍ତାବ ପରେ ସଭା ସମାପ୍ତି ହେଲା ।

Secretary
Odisha State Commission for
Protection of Child Rights

Member
Odisha State Commission for
Protection of Child Rights
Bhubaneswar

28/2/17
Member
Odisha State Commission for
Protection of Child Rights
Bhubaneswar

Chairperson
Odisha State Commission
for Protection of Child Rights